**ପନ୍ନାଲାଲ୍ ନନ୍ଦଲାଲ୍ ଭଣ୍ଡାରୀ**

*1960*
*ଅକ୍ଟୋବର 18*

**ବନାମ**

**ଆୟକର ଆୟୁକ୍ତ, ବମ୍ବେ ସହର, ବମ୍ବେ**

**(ଏସ୍. କେ. ଦାସ୍, ଏମ୍. ହିଦାୟତୁଲ୍ଲା ଏବଂ ଜେ. ସି. ଶାହା, ନ୍ୟାୟମୂର୍ତ୍ତିବୃନ୍ଦ)**

*ଆୟକର - ସାଧାରଣ ନୋଟିସ୍ – ଆୟକର ପୈଠ କରିବା ଲାଗି ପ୍ରବାସୀଙ୍କ ଦାୟିତ୍ୱ - ସୀମା ଅବଧି - ଭାରତୀୟ ଆୟକର ଅଧିନିୟମ, 1922 (1922 ର XI), ଧାରା 22 (1) ଏବଂ (2), ଧାରା 34 (1) (a) ଏବଂ (b)।*

ଆବେଦନକାରୀ, ଯିଏକି ଭାରତୀୟ ଆୟକର ଅଧିନିୟମ ଉଦ୍ଦେଶ୍ୟରେ ଜଣେ ପ୍ରବାସୀ, ଟିକସଯୋଗ୍ୟ ଅଞ୍ଚଳ ମଧ୍ୟରେ ତାଙ୍କ ଦ୍ୱାରା ଉପାର୍ଜିତ କେତେକ ଲାଭାଂଶର ଆୟକର ପୈଠ କରିନଥିଲେ । ସେହି ବର୍ଷଗୁଡ଼ିକ ସମ୍ବନ୍ଧରେ ଆୟକର ମୂଲ୍ୟାଙ୍କନ ପାଇଁ ଅଧିନିୟମର ଧାରା 22 (2) ସହିତ ପାଠ କରାଯାଇଥିବା ଧାରା 34 ଅନୁଯାୟୀ ଆୟକର ଅଧିକାରୀ ତାଙ୍କୁ କିଛି ନୋଟିସ୍ ଜାରି କରିଥିଲେ । ଏହି ନୋଟିସଗୁଡ଼ିକ ଆକଳନ ବର୍ଷ ଶେଷ ହେବାର ଆଠ ବର୍ଷ ମଧ୍ୟରେ ଜାରି କରାଯାଇଥିଲା ଏବଂ ଧାରା 34 (1) (a) ଦ୍ୱାରା ନିର୍ଦ୍ଧାରିତ ଅବଧି ମଧ୍ୟରେ କରାଯାଇଥିଲା । ଆବେଦନକାରୀ ଯୁକ୍ତି କରିଥିଲେ ଯେ ମୂଲ୍ୟାଙ୍କନ ପାଇଁ ନୋଟିସ୍ ଧାରା 34 ର ଖଣ୍ଡ (1) (a) ଦ୍ୱାରା ପରିଚାଳିତ ହୋଇନଥିଲା, ବରଂ ଖଣ୍ଡ (1) (b) ଦ୍ୱାରା ହୋଇଥିଲା, ଯଦିଓ ଆବେଦନକାରୀ ସମ୍ପୃକ୍ତ ବର୍ଷଗୁଡ଼ିକ ପାଇଁ ତାଙ୍କ ଆୟକର ପୈଠ କରିନଥିଲେ, କାରଣ ଧାରା 22 (1) ଅନୁଯାୟୀ ଏକ ସାଧାରଣ ନୋଟିସ୍ ଆୟକର ପୈଠ କରିବାର ଦାୟିତ୍ୱ ଉତ୍ପନ୍ନ କରିନଥିଲା ଏବଂ ସେ ଜଣେ ପ୍ରବାସୀ ହୋଇଥିବାରୁ ତାଙ୍କ ନିଷ୍କ୍ରିୟତା ଏକ ଆୟକର ପୈଠ କରିବାରେ ତ୍ରୁଟି କିମ୍ବା ବିଫଳତା ବୋଲି ବିବେଚନାରେ ଆସିନଥିଲା, ଏବଂ ମୂଲ୍ୟାଙ୍କନ କାର୍ଯ୍ୟାନୁଷ୍ଠାନ ତମାଦି ହୋଇଯାଇଥିଲା ।

*ଏହା ବିଚାର କରାଯାଇଥିଲା ଯେ,* ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 22 (1) ରେ "ପ୍ରତ୍ୟେକ ବ୍ୟକ୍ତି" ଅଭିବ୍ୟକ୍ତିଟି ସେହି ସମସ୍ତ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରେ ଯେଉଁମାନେ ଆୟକର ପୈଠ କରିବାକୁ ଦାୟୀ ଏବଂ ତାହା ଅଧୀନରେ ସାଧାରଣ ନୋଟିସ୍ ଅନୁଯାୟୀ ପ୍ରବାସୀମାନେ ଆୟକର ପୈଠ କରିବାର ଦାୟିତ୍ୱରୁ ବାଦ୍ ନୁହଁନ୍ତି ।

ଧାରା 22 (1) ଦ୍ୱାରା ନିର୍ଦ୍ଧାରିତ ପ୍ରଣାଳୀରେ ଥରେ ପ୍ରକାଶନ ଦ୍ୱାରା ଏକ ନୋଟିସ୍ ଜାରି କରାଯିବା ପରେ, ପ୍ରତ୍ୟେକ ବ୍ୟକ୍ତି, ସେ ବାସିନ୍ଦା ହୁଅନ୍ତୁ କିମ୍ବା ପ୍ରବାସୀ, ଯାହାଙ୍କ ଆୟ ଆୟକରରୁ ଅବ୍ୟାହତ ସର୍ବାଧିକ ପରିମାଣରୁ ଅଧିକ ହେଉଥିବ, ସେ ଏକ ଆୟକର ପୈଠ କରିବାକୁ ଦାୟୀ

*1960*

*ପନ୍ନାଲାଲ୍ ନନ୍ଦଲାଲ୍ ଭଣ୍ଡାରୀ ବନାମ ଆୟକର ଆୟୁକ୍ତ, ବମ୍ବେ ସହର, ବମ୍ବେ*

*ନ୍ୟାୟମୂର୍ତ୍ତି ଶାହା*

ଅଟନ୍ତି ଏବଂ ଯଦି ସେ ଏପରି ନକରନ୍ତି, ତେବେ ଏହା ବିବେଚନା କରାଯିବ ଯେ ଭାରତୀୟ ଆୟକର ଅଧିନିୟମର ଧାରା 34 (1) (a) ର ଅର୍ଥ ମଧ୍ୟରେ ଆୟକର ପୈଠ କରିବାରେ ତାଙ୍କ ତରଫରୁ ତ୍ରୁଟି ରହିଥିଲା । ଧାରା 34 (1) (b) କେବଳ ସେହି କ୍ଷେତ୍ର ପାଇଁ ପ୍ରଯୁଜ୍ୟ ଥିଲା ଯେଉଁଠାରେ ଆୟକର ପୈଠ କରିବାରେ କିମ୍ବା ମୂଲ୍ୟାଙ୍କନ ନିମନ୍ତେ ତଥ୍ୟର ସମ୍ପୂର୍ଣ୍ଣ ଏବଂ ସତ୍ୟ ପ୍ରକାଶ କରିବାରେ କୌଣସି ତ୍ରୁଟି କିମ୍ବା ବିଫଳତା ନଥିଲା ।

ବର୍ତ୍ତମାନର ମାମଲାରେ ଧାରା 34 (1) (a) ଦ୍ୱାରା ନିର୍ଦ୍ଧାରିତ ସୀମା ଅବଧି ମଧ୍ୟରେ ମୂଲ୍ୟାଙ୍କନ ପାଇଁ କାର୍ଯ୍ୟାନୁଷ୍ଠାନ ସଠିକ୍ ଭାବରେ ଆରମ୍ଭ କରାଯାଇଥିଲା ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 408/1957 ।

ଆୟକର ସନ୍ଦର୍ଭ ସଂଖ୍ୟା 5/1955 ରେ ପୂର୍ବତନ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 28 ସେପ୍ଟେମ୍ବର, 1955 ର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ତରଫରୁ *ସନତ୍ ପି. ମେହେଟ୍ଟା, ଏସ୍. ଏନ୍. ଆଣ୍ଡଲେ, ଜେ. ବି. ଦାଦାଚାଞ୍ଜି, ରାମେଶ୍ୱର ନାଥ୍* ଏବଂ *ପି. ଏଲ୍. ଭୋହରା* ।

ଉତ୍ତରଦାତାଙ୍କ ତରଫରୁ *ଏ. ଏନ୍. କ୍ରିପାଲ୍, ଆର୍. ଏଚ୍. ଧେବର୍* ଏବଂ *ଡି. ଗୁପ୍ତା* ।

1960. ଅକ୍ଟୋବର 18. ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ଶାହଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା -

ଆବେଦନକାରୀ ଯିଏକି ଭାରତୀୟ ଆୟକର ଅଧିନିୟମ, 1922 ଉଦ୍ଦେଶ୍ୟରେ ଜଣେ ପ୍ରବାସୀ ଥିଲେ, ସେ ବ୍ରିଟିଶ ଭାରତର ଟିକସଯୋଗ୍ୟ ଅଞ୍ଚଳ ମଧ୍ୟରେ ଆକଳନ ବର୍ଷ 1943-44, 1944-45, 1946-47 ଏବଂ 1947-48 ରେ କିଛି ଲାଭାଂଶ ଆୟ ଅର୍ଜନ କରିଥିଲେ, କିନ୍ତୁ ଆବେଦନକାରୀ ସେହି ଆକଳନ ବର୍ଷଗୁଡ଼ିକ ପାଇଁ ତାଙ୍କ ଆୟକର ପୈଠ କରିନଥିଲେ । ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 34 ଅନୁଯାୟୀ ତାଙ୍କ କ୍ଷମତା ପ୍ରୟୋଗ କରି, ବମ୍ବେ ସହରର ଆୟକର ଅଧିକାରୀ ସେହି ବର୍ଷଗୁଡ଼ିକରେ ଆୟକର ମୂଲ୍ୟାଙ୍କନ ପାଇଁ ଅଧିନିୟମର ଧାରା 22 (2) ସହିତ ପାଠ କରାଯାଇଥିବା ଧାରା 34 ଅନୁଯାୟୀ ଆବେଦନକାରୀଙ୍କୁ ନୋଟିସ୍ ଜାରି କରିଥିଲେ । ଆବେଦନକାରୀଙ୍କୁ 1943-44 ବର୍ଷ ପାଇଁ ମାର୍ଚ୍ଚ 27, 1952 ରେ, 1944-45 ବର୍ଷ ପାଇଁ ଫେବୃଆରୀ 16, 1953 ରେ, 1946-47 ବର୍ଷ ପାଇଁ ଏପ୍ରିଲ 4, 1951 ରେ ଏବଂ 1947-

48 ବର୍ଷ ପାଇଁ ଏପ୍ରିଲ 2, 1952 ରେ ନୋଟିସ୍ ଜାରି କରାଯାଇଥିଲା । ଆୟକର ଅଧିକାରୀ ମେ 6, 1953 ରେ 1943-44, 1944-45 ଏବଂ 1947-48 ବର୍ଷ ସମ୍ବନ୍ଧରେ ଏବଂ ମାର୍ଚ୍ଚ 19, 1952 ରେ 1946-47 ବର୍ଷ ପାଇଁ ମୂଲ୍ୟାଙ୍କନ ଶେଷ କରିଥିଲେ । ମୂଲ୍ୟାଙ୍କନ ଆଦେଶଗୁଡ଼ିକ ଅପିଲୀୟ ସହକାରୀ ଆୟୁକ୍ତ ଏବଂ ଆୟକର ଅପିଲୀୟ ନ୍ୟାୟାଧିକରଣଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିଲା । ଆବେଦନକାରୀଙ୍କ ଅନୁରୋଧ କ୍ରମେ, ଆୟକର ଅପିଲୀୟ ନ୍ୟାୟାଧିକରଣ ଆୟକର ଅଧିନିୟମର ଧାରା 66 (1) ଅନୁଯାୟୀ ମାମଲାର ଏକ ବିବୃତି ପ୍ରସ୍ତୁତ କରିଥିଲେ ଏବଂ ବମ୍ବେ ଉଚ୍ଚ ନ୍ୟାୟାଳୟରେ ନିମ୍ନଲିଖିତ ଦୁଇଟି ପ୍ରଶ୍ନ ଉପସ୍ଥାପନ କରିଥିଲେ:

(1) ଅଧିନିୟମର ଧାରା 22 (2) ସହିତ ପାଠ କରାଯାଇଥିବା ଅଧିନିୟମର ଧାରା 34 ଅନୁଯାୟୀ, ଆକଳନ ବର୍ଷ 1943-44, 1944-45, 1946-47 ଏବଂ 1947-48 ପାଇଁ ଜାରି କରାଯାଇଥିବା ନୋଟିସ୍ ଅଧିନିୟମର ଧାରା 34 ଦ୍ୱାରା ନିର୍ଦ୍ଧାରିତ ସୀମା ଅବଧି ପରେ ଜାରି କରାଯାଇଥିଲା କି?

(2) ଯଦି ପ୍ରଶ୍ନ ସଂଖ୍ୟା 1ର ଉତ୍ତର 'ହଁ' ଅଟେ, ତେବେ ପ୍ରଶ୍ନରେ ଥିବା ବର୍ଷଗୁଡ଼ିକର ମୂଲ୍ୟାଙ୍କନ ଆଇନରେ ଅବୈଧ ଥିଲା କି?

ଉଚ୍ଚ ନ୍ୟାୟାଳୟ ପ୍ରଥମ ପ୍ରଶ୍ନର ଉତ୍ତର 'ନା' ରେ ଦେଇଥିଲେ ଏବଂ କହିଥିଲେ ଯେ ସେହି ଉତ୍ତର ଆଧାରରେ ଦ୍ୱିତୀୟ ପ୍ରଶ୍ନ ଉତ୍ପନ୍ନ ହୋଇନଥିଲା । ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ବିଶେଷ ଅନୁମତି ମାଧ୍ୟମରେ ଆବେଦନକାରୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୁଦ୍ଧରେ ଏହି ଆବେଦନ କରାଯାଇଛି ।

ଏହି ଆବେଦନରେ ନିର୍ଦ୍ଧାରିତ ହେବାକୁ ଥିବା ଏକମାତ୍ର ପ୍ରଶ୍ନ ହେଉଛି ଯେ ଅଧିନିୟମର ଧାରା 34 (1) (a) ଅନୁଯାୟୀ ମୂଲ୍ୟାଙ୍କନ ବିଜ୍ଞପ୍ତି ଦେବା ପାଇଁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମୂଲ୍ୟାଙ୍କନ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା କି ନାହିଁ । ସେହି ସମୟରେ, ଧାରା 34 (1) (a) ଦ୍ୱାରା ଆୟକର ଅଧିକାରୀଙ୍କୁ ଅନ୍ୟାନ୍ୟ କ୍ଷମତା ମଧ୍ୟରେ ଏହି କ୍ଷମତା ପ୍ରଦାନ କରାଯାଇଥିଲା ଯେ ଯଦି ତାଙ୍କ ପାଖରେ ବିଶ୍ୱାସ କରିବାର କୌଣସି କାରଣ ଥାଏ ଯେ ଧାରା 22 ଅନୁଯାୟୀ କୌଣସି ବର୍ଷ ପାଇଁ ଆୟକର ପୈଠ କରିବାରେ କରଦାତାଙ୍କ ତ୍ରୁଟି କିମ୍ବା ବିଫଳତା ଦ୍ୱାରା କିମ୍ବା ସେହି ଆକଳନ ବର୍ଷ ପାଇଁ ଆବଶ୍ୟକ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ସମ୍ପୂର୍ଣ୍ଣ ଏବଂ ସତ୍ୟ ପ୍ରକାଶ ନ କରିବା ଦ୍ୱାରା କିଛି ଆୟ, ଲାଭ କିମ୍ବା ଉପାର୍ଜନ ମୂଲ୍ୟାଙ୍କନରୁ ନିସ୍ତାର ପାଇଥିଲା, ତେବେ ସେହି

1960
ପନ୍ନାଲାଲ୍ ନନ୍ଦଲାଲ୍ ଭଣ୍ଡାରୀ
ବନାମ
ଆୟକର ଆୟୁକ୍ତ, ବମ୍ବେ ସହର, ବମ୍ବେ
ନ୍ୟାୟମୂର୍ତ୍ତି ଶାହା

ଆକଳନ ବର୍ଷ ଶେଷ ହେବା ଠାରୁ ଆଠ ବର୍ଷ ମଧ୍ୟରେ ଯେକୌଣସି ସମୟରେ ଆୟକର ଅଧିକାରୀ ମୂଲ୍ୟାଙ୍କନ ବିଜ୍ଞପ୍ତି ଜାରି କରିପାରିବେ । ଯେଉଁ କ୍ଷେତ୍ରରେ ଆୟକର ଅଧିକାରୀଙ୍କ ପାଖରେ ଥିବା ସୂଚନାର ପରିଣାମ ସ୍ୱରୂପ ତାଙ୍କର ବିଶ୍ୱାସ କରିବାର କାରଣ ଥିଲା ଯେ ଖଣ୍ଡ (a) ରେ ଉଲ୍ଲିଖିତ କୌଣସି ତ୍ରୁଟି କିମ୍ବା ବିଫଳତା ନଥିବା ସତ୍ତ୍ୱେ ଯଦି ଆୟ, ଲାଭ କିମ୍ବା ଉପାର୍ଜନ ମୂଲ୍ୟାଙ୍କନରୁ ନିସ୍ତାର ପାଇଥିଲା, ସେ ଖଣ୍ଡ (b) ଅନୁଯାୟୀ ଆକଳନ ବର୍ଷ ଶେଷ ହେବାର ଚାରି ବର୍ଷ ମଧ୍ୟରେ ମୂଲ୍ୟାଙ୍କନ ବିଜ୍ଞପ୍ତି ଜାରି କରିପାରିବେ । ସ୍ୱୀକାର୍ଯ୍ୟ ଯେ, ସମ୍ପୃକ୍ତ ବର୍ଷଗୁଡ଼ିକ ପାଇଁ ଆୟକର ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ନୋଟିସଗୁଡ଼ିକ ଆକଳନ ବର୍ଷ ଶେଷ ହେବାର ଆଠ ବର୍ଷ ମଧ୍ୟରେ ଜାରି କରାଯାଇଥିଲା ଏବଂ ଯଦି ଧାରା 34 ର ଖଣ୍ଡ (1) (a) ଲାଗୁ ହୋଇଥିଲା, ତେବେ ମୂଲ୍ୟାଙ୍କନଟି ଆଇନ ଦ୍ୱାରା ତମାଦି ହୋଇନଥିଲା । କିନ୍ତୁ ଆବେଦନକାରୀ ଯୁକ୍ତି କରିଥିଲେ ଯେ ଯଦିଓ ସେ ସମ୍ପୃକ୍ତ ବର୍ଷଗୁଡ଼ିକ ପାଇଁ ତାଙ୍କ ଆୟକର ପୈଠ କରିନଥିଲେ, ତେବେ ମଧ୍ୟ ମୂଲ୍ୟାଙ୍କନ ବିଜ୍ଞପ୍ତିଗୁଡ଼ିକ ଧାରା 34 ର ଖଣ୍ଡ (1) (a) ଦ୍ୱାରା ନୁହେଁ, ବରଂ ଧାରା 34 ର ଖଣ୍ଡ (1) (b) ଦ୍ୱାରା ପରିଚାଳିତ ହୋଇଥିଲା । ସେ ଯୁକ୍ତି କରିଥିଲେ ଯେ ଆକଳନ ବର୍ଷରେ ସେ ଟିକସଯୋଗ୍ୟ ଅଞ୍ଚଳ ବାହାରେ ଜଣେ ବାସିନ୍ଦା ହୋଇଥିବାରୁ, ଧାରା 22 (1) ଅନୁଯାୟୀ ଜାରି କରାଯାଇଥିବା ଏକ ସାଧାରଣ ବିଜ୍ଞପ୍ତି ଆୟକର ପୈଠ କରିବାର ଦାୟିତ୍ୱ ଉତ୍ପନ୍ନ କରିନଥିଲା, ଏବଂ ତାଙ୍କ ନିଷ୍କ୍ରିୟତା ଏକ ଆୟକର ପୈଠ କରିବାରେ ତ୍ରୁଟି କିମ୍ବା ବିଫଳତା ନଥିଲା, ଯାହା ଧାରା 34 (1) (a) ର ପ୍ରଯୁଜ୍ୟତାକୁ ଲାଗୁ କରେ । ସେ ଦର୍ଶାଇଛନ୍ତି ଯେ ଆୟକର ପୈଠ କରିବାରେ ତ୍ରୁଟି କିମ୍ବା ବିଫଳତା ଜଣେ ପ୍ରବାସୀଙ୍କ ପାଇଁ କେବଳ ସେବେ ଉତ୍ପନ୍ନ ହୋଇପାରେ, ଯେବେ ଧାରା 22 (2) ଅନୁଯାୟୀ ଏକ ବ୍ୟକ୍ତିଗତ ବିଜ୍ଞପ୍ତି ଜାରି କରିବା ପରେ କୌଣସି ଆୟକର ପୈଠ କରାଯାଇନଥିବ । ଅନ୍ୟ ଅର୍ଥରେ, ନିବେଦନ ହେଉଛି ଏହା ଯେ ଧାରା 22 (1) ଅନୁଯାୟୀ ଏକ ବିଜ୍ଞପ୍ତି ଟିକସଯୋଗ୍ୟ ଅଞ୍ଚଳ ମଧ୍ୟରେ ରହୁଥିବା ବାସିନ୍ଦାଙ୍କ ଉପରେ ଏକ ଦାୟିତ୍ୱ ଲାଗୁ କରିଥାଏ, ପ୍ରବାସୀଙ୍କ ଉପରେ ନୁହେଁ, ଏବଂ ଏହି ତର୍କ ପାଇଁ ଧାରା 1 ର ଉପଧାରା (2) ରୁ ସମର୍ଥନ ପ୍ରାପ୍ତ କରିବାକୁ ଚେଷ୍ଟା କରାଯାଇଛି ଯାହା ଆୟକର ଅଧିନିୟମକୁ ଉକ୍ତ ସମୟରେ ବ୍ରିଟିଶ ଭାରତ ଉପରେ ଲାଗୁ କରିଥିଲା ।

ଧାରା 22 (1) ରେ "ପ୍ରତ୍ୟେକ ବ୍ୟକ୍ତି ଯାହାଙ୍କ ପୂର୍ବ ବର୍ଷ ମଧ୍ୟରେ ମୋଟ ଆୟ ଆୟକର ପାଇଁ ଆଦାୟଯୋଗ୍ୟ ନଥିବା ସର୍ବାଧିକ ପରିମାଣକୁ ଅତିକ୍ରମ କରିଛି" ଅଭିବ୍ୟକ୍ତିଟି ସେହି ସମସ୍ତ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରେ ଯେଉଁମାନେ ଆୟକର ଦେବାକୁ ଦାୟୀ ଅଟନ୍ତି ଏବଂ ଏହି ଧାରା କିମ୍ବା ଏହାର ପୃଷ୍ଠଭୂମିରେ ଏପରି କିଛି ନାହିଁ ଯାହା ପ୍ରବାସୀଙ୍କୁ ଏକ ନୋଟିସ୍ ଦିଆଯିବା ପରେ ଆୟକର ପୈଠ କରିବାର ଦାୟିତ୍ୱରୁ ବାଦ୍ ଦିଏ । ଜଣେ ପ୍ରବାସୀ କରଦାତା ଧାରା 22 (1) ଅନୁଯାୟୀ ଜାରି

କରାଯାଇଥିବା ସାଧାରଣ ବିଜ୍ଞପ୍ତି ବିଷୟରେ ଅବଗତ ନଥାଇପାରନ୍ତି ବୋଲି ଥିବା ତଥ୍ୟଟି ଏହି ଧାରାରେ ବ୍ୟବହୃତ ସରଳ ଶବ୍ଦଗୁଡ଼ିକୁ ପ୍ରଭାବ ନଦେବା ପାଇଁ ଏକ ଆଧାର ନୁହେଁ । ସର୍ତ୍ତାବଳୀ ଅନୁଯାୟୀ, ନିୟମ 18 ସହିତ ପାଠ କରାଯାଇଥିବା ଖଣ୍ଡ ଟିକସଯୋଗ୍ୟ ଆୟ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆୟକର ପୈଠ କରିବାକୁ ଆବଶ୍ୟକ କରେ, ଏବଂ ଯଦି ସେ ଏପରି କରିବାରେ ବିଫଳ ହୁଅନ୍ତି, ତେବେ ଅଧିନିୟମର ଧାରା 34 ଅନୁଯାୟୀ, ଆୟକର ଅଧିକାରୀ ଖଣ୍ଡ (1) (a) ଦ୍ୱାରା ନିର୍ଦ୍ଧାରିତ ଅବଧି ମଧ୍ୟରେ ମୂଲ୍ୟାଙ୍କନ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରିବେ । ଧାରା 34 (1) (b) କେବଳ ସେହି କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ ଯେଉଁଠାରେ ଆୟକର ପୈଠ କରିବାରେ କିମ୍ବା ମୂଲ୍ୟାଙ୍କନ ପାଇଁ ତଥ୍ୟର ସମ୍ପୂର୍ଣ୍ଣ ଏବଂ ସତ୍ୟ ପ୍ରକାଶ କରିବାରେ କୌଣସି ତ୍ରୁଟି କିମ୍ବା ବିଫଳତା ହୋଇନଥାଏ । ତେବେ ଆବେଦନକାରୀ ଟିକସଯୋଗ୍ୟ ଅଞ୍ଚଳରେ ସ୍ୱୀକାରଯୋଗ୍ୟ ଭାବେ ପ୍ରବାସୀ ଆୟ ଅର୍ଜନ କରିଥିଲେ ଏବଂ ଆୟକର ପାଇଁ ଆଦାୟ କରାଯାଉନଥିବା ସର୍ବାଧିକ ପରିମାଣକୁ ସେହି ଆୟ ଅତିକ୍ରମ କରିଥିଲା । ଧାରା 22 (1) ଅନୁଯାୟୀ ଜାରି କରାଯାଇଥିବା ବିଜ୍ଞପ୍ତିର ଅନୁସରଣରେ ଆବେଦନକାରୀ ଆୟକର ପୈଠ କରିନଥିବାରୁ ଆୟକର ଅଧିକାରୀ ଧାରା 34 (1) (a) ଅନୁଯାୟୀ କରଦାତାଙ୍କୁ ଆୟକର ମୂଲ୍ୟାଙ୍କନ ପାଇଁ ଆକଳନ ବର୍ଷ ଶେଷ ହେବାର ଆଠ ବର୍ଷ ମଧ୍ୟରେ ଯେକୌଣସି ସମୟରେ ନୋଟିସ ଜାରି କରିବାକୁ ସକ୍ଷମ ଥିଲେ । ଧାରା 22 (1) ଦ୍ୱାରା ନିର୍ଦ୍ଧାରିତ ପ୍ରଣାଳୀରେ ଥରେ ପ୍ରକାଶନ ଦ୍ୱାରା ଏକ ନୋଟିସ୍ ଦିଆଯିବା ପରେ, ପ୍ରତ୍ୟେକ ବ୍ୟକ୍ତି ଯାହାଙ୍କ ଆୟ ଆୟକରରୁ ଅବ୍ୟାହତ ସର୍ବାଧିକ ପରିମାଣରୁ ଅଧିକ ହେଉଥିବ, ସେ ଏକ ଆୟକର ପୈଠ କରିବାକୁ ଦାୟୀ ଅଟନ୍ତି ଏବଂ ଯଦି ସେ ଏପରି ନକରନ୍ତି, ତେବେ ଏହା ବିବେଚନା କରାଯିବ ଯେ ଧାରା 34 (1) (a) ର ଅର୍ଥ ମଧ୍ୟରେ ଆୟକର ପୈଠ କରିବାରେ ତାଙ୍କ ତରଫରୁ ତ୍ରୁଟି ରହିଥିଲା । ଧାରା 22 (1) କେବଳ ବାସିନ୍ଦାଙ୍କ ପାଇଁ ପ୍ରଯୁଜ୍ୟ ଏବଂ ଜଣେ ପ୍ରବାସୀଙ୍କ ଆୟକର ପୈଠ କରିବାର ଦାୟିତ୍ୱ ଉପଧାରା (2) ଅନୁଯାୟୀ ଏକ ନୋଟିସ୍ ଜାରି କରାଯିବା ପରେ ହିଁ ଉତ୍ପନ୍ନ ହୋଇପାରେ ବୋଲି ହୋଇଥିବା ନିବେଦନର କୌଣସି ସମର୍ଥନ ନାହିଁ । ଉପଧାରା (2) ଅନୁଯାୟୀ ଆୟକର ଅଧିକାରୀ ଯେକୌଣସି ବ୍ୟକ୍ତିଙ୍କୁ ନିର୍ଦ୍ଧାରିତ ଫର୍ମରେ ଆୟକର ପୈଠ କରିବାକୁ ଆବଶ୍ୟକ କରି ଏକ ବିଶେଷ ବିଜ୍ଞପ୍ତି ଜାରି କରିପାରିବେ, କିନ୍ତୁ ସେହି ବ୍ୟବସ୍ଥା ଉପଧାରା (1) ଅନୁଯାୟୀ ଉତ୍ପନ୍ନ ଦାୟିତ୍ୱକୁ ହ୍ରାସ କରେ ନାହିଁ ।

ଧାରା 1 (2) ଦ୍ୱାରା ଆୟକର ଅଧିନିୟମ ଟିକସଯୋଗ୍ୟ ଅଞ୍ଚଳରେ ଲାଗୁ ହୋଇଛି ଏବଂ ଏହା ବାହାରେ ନୁହେଁ; କିନ୍ତୁ ସେହି ଅଞ୍ଚଳ ମଧ୍ୟରେ ଉପାର୍ଜିତ, ଉତ୍ପନ୍ନ କିମ୍ବା ଗ୍ରହଣ କରାଯାଇଥିବା ଆୟ ଉପରେ ଟିକସ ଲଗାଇବାର କ୍ଷମତା ଆୟକର ଅଧିକାରୀଙ୍କ ରହିଛି ଏବଂ ତାହା

*1960*

*ପନ୍ନାଲାଲ୍ ନନ୍ଦଲାଲ୍ ଭଣ୍ଡାରୀ ବନାମ ଆୟକର ଆୟୁକ୍ତ, ବମ୍ବେ ସହର, ବମ୍ବେ*

*ନ୍ୟାୟମୂର୍ତ୍ତି ଶାହା*

ଆବେଦନକାରୀଙ୍କ ଦ୍ୱାରା ବିବାଦିତ ନୁହେଁ । ଯଦି ଆୟକର ଲାଗୁ କରିବାର କ୍ଷମତା ମଞ୍ଜୁର କରାଯାଏ, ତେବେ ଟିକସଯୋଗ୍ୟ ଆୟ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରୁଥିବା ସାଧାରଣ ବ୍ୟବସ୍ଥା ଏକ ଅପ୍ରକାଶ୍ୟ ସୀମାର ବଶବର୍ତ୍ତୀ ଅଟେ ଯେ ଏହା କେବଳ ବାସିନ୍ଦାଙ୍କ ପାଇଁ ପ୍ରଯୁଜ୍ୟ ଏବଂ ପ୍ରବାସୀଙ୍କ ପାଇଁ ନୁହେଁ - ଏହି ଆଧାରକୁ ଗ୍ରହଣ କରିବା କଷ୍ଟକର ଯାହା ଉପରେ ଏହି ନିବେଦନଟି ଆଧାରିତ । ଆୟକର ଦେବାକୁ ଦାୟୀ କିନ୍ତୁ ଟିକସଯୋଗ୍ୟ ଅଞ୍ଚଳ ବାହାରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ଏକ ଆୟକର ଦେବା ପ୍ରସଙ୍ଗରେ ତାଙ୍କର ନିଷ୍କ୍ରିୟତା ପୂର୍ବରୁ ଧାରା 22 (2) ଅନୁଯାୟୀ ଏକ ବିଶେଷ ବିଜ୍ଞପ୍ତି ଜାରି କରାଯିବାର ଆବଶ୍ୟକତାକୁ ଧାରା 34 (1) ର ଅର୍ଥ ମଧ୍ୟରେ ତ୍ରୁଟି ବୋଲି ବିବେଚନା କରାଯାଇପାରେ ବୋଲି ହୋଇଥିବା ନିବେଦନରେ କୌଣସି ଦୃଢତା ନାହିଁ । ଆଇନ ବିଧାନ ଦ୍ୱାରା ଏପରି କୌଣସି ସ୍ପଷ୍ଟ ବ୍ୟବସ୍ଥା କରାଯାଇନାହିଁ ଏବଂ ଏହି ପରିପ୍ରେକ୍ଷୀରୁ ମଧ୍ୟ ଏପରି କିଛି ଅନୁମାନ କରାଯାଇପାରିବ ନାହିଁ।

ତେଣୁ ଉଚ୍ଚ ନ୍ୟାୟାଳୟ ଏହି ରାୟ ଦେବାରେ ଠିକ୍ ଥିଲେ ଯେ ଆକଳନ ବର୍ଷ ଶେଷ ହେବା ପର ଠାରୁ ଧାରା 34 (1) (a) ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମୂଲ୍ୟାଙ୍କନ ପାଇଁ କାର୍ଯ୍ୟାନୁଷ୍ଠାନ ସଠିକ୍ ଭାବରେ ଆରମ୍ଭ କରାଯାଇଥିଲା । ଆବେଦନଟି ବିଫଳ ହୋଇଛି ଏବଂ ଏହାକୁ ଖର୍ଚ୍ଚ ସହିତ ଖାରଜ କରାଯାଇଛି ।

ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।